Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରସାରିତ ଓଡିଆ ଦୈନିକ






ପୂର୍ବତନ ମନ୍ତ୍ରୀ ମୁଜାଫର ହୁସେନ ଖାଁଙ୍କ ପରଲୋକ, ଭାରତ ୨-୦ରେ ସିରିଜ୍ ବିଜୟୀ, ୨୫୯ ରନ୍‌ରେ ଶ୍ରୀଲଙ୍କା

ତାରିଖ : ୧୨/୨୨/୨୦୦୫

- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ

## ପୂର୍ଣ୍ଣ ବିବରଣୀ

- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରସଂଗ: ଏନ୍‌ଡିଏର ସଙ୍କଳ୍ପ ପରି 'ଉପା'ର ସହାନୁଭୂତି ବି ଉପର ଠାଉରିଆ

ଭୁବନେଶ୍ୱର(ଇମିସ): ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାନାନ୍ତରଣ ପ୍ରସଂଗରେ ଗତକାଲି ମନ୍ତ୍ରୀ ପ୍ରଣବ ମୁଖାର୍ଜୀ ଲୋକସଭାରେ ଯେଉଁ ଉତ୍ତର ଦେଇଛନ୍ତି ତାହା ପୂର୍ବରୁ ଗଣ୍ଡଗୋଳିଆ ଥିବା ପରିସ୍ଥିତିକୁ ଅଧିକ ଗଣ୍ଡଗୋଳିଆ କରିଦେଇଛି। ଶ୍ରୀ ମୁଖାର୍ଜୀ ତାଙ୍କର ଉତ୍ତରରେ ସବୁଯାକ ଦୋଷ ତତ୍କାଳୀନ ଏନ୍‌ଡିଏ ସରକାର ଉପରେ ଲଦି ଦେଇଛନ୍ତି। ଶ୍ରୀ ମୁଖାର୍ଜୀ କହିଛନ୍ତି ଯେ ଯେହେତୁ ୟୁଜିସିର ଏଭଳି ପ୍ରତିଷ୍ଠାନ ବସେଇବାର ଅଧିକାର ନ ଥିଲା କିମ୍ବା ତାଙ୍କର ପ୍ରସ୍ତାବକୁ କୌଣସି ପରିସ୍ଥିତିରେ ଭାରତ ସରକାର ଅନୁମୋଦନ କରି ନ ଥିଲେ ତେଣୁ ଭୁବନେଶ୍ୱରରେ ଏଭଳି ପ୍ରତିଷ୍ଠାନ କରିବାର ଥିଲା ବୋଲି କହିବା ଭୁଲ ହେବ। ଏହି ପରିସ୍ଥିତିରେ ଭୁବନେଶ୍ୱରରୁ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ କୋଲକାତାକୁ ଉଠିଯିବ ବୋଲି କହିବା ଆହୁରି ଭୁଲ ହେବ ବୋଲି ମଧ୍ୟ ଶ୍ରୀ ମୁଖାର୍ଜୀଙ୍କ ବକ୍ତବ୍ୟରୁ ସ୍ପଷ୍ଟ। ତେବେ ତାଙ୍କ ଭାଷଣ ଶେଷରେ ସେ କେନ୍ଦ୍ର ସରକାର ଓଡ଼ିଶାର ସ୍ୱାର୍ଥ ପ୍ରତି ଦୃଷ୍ଟି ଦେବେ ବୋଲି ଉପର ଠାଉରିଆ ସହାନୁଭୂତି ପଦେ କହିଛନ୍ତି।

ବର୍ତ୍ତମାନ ଶ୍ରୀ ମୁଖାର୍ଜୀ ଲୋକସଭାରେ ଦେଇଥିବା ସମ୍ପୂର୍ଣ୍ଣ ବକ୍ତବ୍ୟଟି ଉଦ୍ଧାର କରାଯାଉ। ଶ୍ରୀ ମୁଖାର୍ଜୀ କହିଥିଲେ ଯେ 'ଗତ କିଛି ଦିନ ତଳେ, ମାନ୍ୟବର ଲୋକସଭା ସଦସ୍ୟ ଶ୍ରୀ ବ୍ରଜକିଶୋର ତ୍ରିପାଠୀ ଏବଂ ଓଡ଼ିଶାର ଅନ୍ୟ କେତେ ଜଣ ମାନ୍ୟବର ସାଂସଦ ଜାଣିବାକୁ ଚାହିଁଥିଲେ ଯେ ଭୁବନେଶ୍ୱରରେ ପ୍ରତିଷ୍ଠିତ ହେବା ପାଇଁ ପ୍ରସ୍ତାବ ଥିବା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲକାତାକୁ ଉଠାଇ ନିଆଯାଇଛି ନା ନାହିଁ। ମୁଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲି ଯେ ଖୁବ୍ ଶୀଘ୍ର ମୁଁ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଗୃହରେ ଉପସ୍ଥାପନ କରିବି।' 'ପ୍ରକୃତ ତଥ୍ୟ ହେଉଛି ୨୦୦୩ ଅପ୍ରେଲ ୯ ତାରିଖରେ ୟୁଜିସି (ୟୁନିଭରସିଟି ଗ୍ରାଣ୍ଟସ୍ କମିସନ) ଏକ ନିଷ୍ପତ୍ତି ନେଇଥିଲେ ଯେ ଆଲାହାବାଦ, ଭୁବନେଶ୍ୱର, ଚେନ୍ନାଇ ଏବଂ ପୁନେରେ ଚାରିଟି ବିଜ୍ଞାନ ପ୍ରତିଷ୍ଠାନ (ସେଣ୍ଟରସ ଫର ଷ୍ଟଡିଜ ଇନ୍ ଇଣ୍ଟେଗ୍ରେଟେଡ ସାଇନ୍‌ସେସ୍) ପ୍ରତିଷ୍ଠା କରାଯିବ। ୟୁଜିସି ଆକ୍ଟର ୧୨ (ସିସିସି) ଧାରା ଅନୁସାରେ ଏହି କେନ୍ଦ୍ରଗୁଡ଼ିକ ପ୍ରତିଷ୍ଠିତ ହେବ ବୋଲି ପ୍ରସ୍ତାବ ରହିଥିଲା। ୟୁଜିସି ଆଇନର ଏହି ଧାରା ଅନୁସାରେ ୟୁଜିସି ଗୋଟିଏ ବିଶ୍ୱବିଦ୍ୟାଳୟ କିମ୍ବା ଏକାଧିକ ବିଶ୍ୱବିଦ୍ୟାଳୟ ନିମନ୍ତେ ସାଧାରଣ ସୁବିଧା, ପାଠ୍ୟକ୍ରମ ଇତ୍ୟାଦି ଯୋଗାଇ ଦେଇପାରିବେ। ଏହାପରେ ୨୦୦୩ ଜୁନ୍ ୯ ତାରିଖ ଚିଠିରେ ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ଆପତ୍ତି ଉଠାଇ ଜାଣିବାକୁ ଚାହିଁଲେ ଯେ



ଓଡ଼ିଶାର ଫଟୋଗ୍ରାଫରମାନଙ୍କ ପାଇଁ ଫୁଜି ଫିଲ୍ମ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ କର୍ମଶାଳାରେ ବଙ୍ଗଳା ମଡ଼େଲ ପିଆଲି ଗୁପ୍ତା।

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୧୮.୧ | ୨୬.୪ |
| କଟକ | ୧୫.୫ | ୨୮.୧ |
| ବାଲେଶ୍ୱର | ୧୬.୬ | ୨୮.୦ |
| ଗୋପାଳପୁର | ୧୯.୦ | ୨୬.୯ |
| ଝାରସୁଗୁଡ଼ା | ୧୬.୪ | ୨୬.୨ |

ବିତର୍କ/ମତାମତ ସଂଗ୍ରହ

ଏମ୍.ପି.ମାନଙ୍କୁ ବହିଷ୍କାର କରିବା ସମ୍ବିଧାନସମ୍ମତ କି?

- : ହଁ.....
- : ନାହିଁ.....
- : କହିପାରିବେନି....

Vote

ଅନ୍ୟାନ୍ୟ ଖବର

- ଏଭରେଷ୍ଟ ଅଭିଯାନ ପାଇଁ ଆର୍ଥିକ ସହାୟତା ପାଇବାକୁ କଳ୍ପନାଙ୍କ ନିବେଦନ
- ଆଗାମୀ ଶତାବ୍ଦୀରେ ଆମ ସାହିତ୍ୟ ଅନୁଭବ କାଙ୍ଗାଳ ନ ହେଉ: ସୌମ୍ୟରଂଜନ
- ଡେରାସ ପର୍ଯ୍ୟଟନସ୍ଥଳୀ ହେବା ପରେ ପର୍ଯ୍ୟଟକ ଦେଖା ନାହାନ୍ତି
- ତୁରନ୍ତିରା ସରପଞ୍ଚ ନିଲମ୍ବିତ
- ଧୋଇଆ ଗାନ୍ଧୀ ନୀଳମଣି ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ
- 'ଉନ୍ନୟନ କାର୍ଯ୍ୟରେ ଆଦିବାସୀଙ୍କୁ ମଧ୍ୟ ସାମିଲ୍ କରାଯାଉ'
- ପାଦରୁ ଅଳତା ନ ଲିଭୁଣୁ ନବବଧୂର ମୃତ୍ୟୁ: ସ୍ୱାମୀ, ଶ୍ୱଶୁର ଗିରଫ
- ଏନ୍‌ଆଇଟି'୬୯ର ଦୁଇ ଦିନିଆ ସମ୍ମିଳନୀ
- ମାଆ-ଝିଅଙ୍କୁ ହତ୍ୟା ପରେ ପୋଡ଼ା ଯାଇଥିଲା
- କନେଷ୍ଟବଳଙ୍କୁ ମାଡ଼ ଘଟଣା: ଦ୍ୱିତୀୟ ଦିନ ପାଇଁ ଟ୍ରାଫିକ ବ୍ୟବସ୍ଥା ଅଚଳ, ୨ ଗିରଫ

ୟୁଜିସିର ଏଭଳି ଶିକ୍ଷା କେନ୍ଦ୍ର ବସେଇବା ପାଇଁ
ଆଇନାନୁମୋଦିତ କ୍ଷମତା ଅଛି ନା ନାହିଁ । ଏହି ପ୍ରସଂଗଟି
ଆଇନ ମନ୍ତ୍ରାଳୟ ସହ ମଧ୍ୟ ଆଲୋଚିତ ହୋଇଥିଲା ।
ଆଇନ ମନ୍ତ୍ରାଳୟ ସ୍ପଷ୍ଟ ଭାବେ କହିଥିଲେ ଯେ ୟୁଜିସି
ଏଭଳି ପ୍ରତିଷ୍ଠାନ ସ୍ଥାପନ କରିପାରିବ ନାହିଁ । ତଦନୁଯାୟୀ
ୟୁଜିସିକୁ ୨୮ ଅକ୍ଟୋବର ୨୦୦୩ ନମ୍ବର ଚିଠି ଯୋଗେ
ଏକଥା ଜଣାଇ ଦିଆଯାଇଥିଲା । ଏହି କାରଣରୁ ୟୁଜିସି
ଆକ୍ଟର ୧୨ (ସିସିସି) କିମ୍ବା ୧୨ (ଜେ) ଅନୁସାରେ
ଆଲାହାବାଦ, ଭୁବନେଶ୍ୱର, ଚେନ୍ନାଇ କିମ୍ବା ପୁନେରେ ଜା
ତୀୟ ବିଜ୍ଞାନ ପ୍ରତିଷ୍ଠାନ ସ୍ଥାପିତ ହୋଇପାରିଲା ନାହିଁ ।
'ୟୁଜିସି ଦେଇଥିବା ପ୍ରସ୍ତାବକୁ ଭାରତ ସରକାର କୌଣସି
ସମୟରେ ଅନୁମୋଦନ କରିନାହାନ୍ତି । ଏହା ପରେ
ୟୁଜିସିର ଅଧ୍ୟକ୍ଷ ତାଙ୍କ ୨୬ ନଭେମ୍ବର ୨୦୦୩ ଚିଠି ଦ
।ରା ସରକାରଙ୍କୁ ଜଣାଇଲେ ଯେ ଏହି ଜାତୀୟ ପ୍ର
ତିଷ୍ଠାନଗୁଡ଼ିକ ବିଭିନ୍ନ ବିଶ୍ୱବିଦ୍ୟାଳୟ ଅଧୀନରେ ସମ୍ପୂର୍ଣ
ସ୍ୱୟଂଶାସିତ ଅନୁଷ୍ଠାନ ରୂପେ ଗଢ଼ିଉଠିବ ଏବଂ ୟୁଜିସି
ସେମାନଙ୍କୁ ଏଥିରେ ସାହାଯ୍ୟ କରିବା ଲାଗି ଚାହୁଁଛି । େ
ତବେ ୟୁଜିସିର ଏହି ପ୍ରସ୍ତାବ ସୁଦ୍ଧା କେନ୍ଦ୍ର ସରକାରଙ୍କ ଦ
।ରା ଅନୁମୋଦିତ ହୋଇ ନ ଥିଲା ।' '୨୦୦୫ ମାର୍ଚ୍ଚ ୪
ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା ପରିଷଦ
ପ୍ରଫେସର ସି.ଏନ୍.ଆର.ରାଓଙ୍କ ଅଧ୍ୟକ୍ଷତାରେ ବୈଠକ
ବସିଥିଲା ଓ ସେହି ପରିଷଦ କୋଲକାତା ଏବଂ
ପୁନେଠାରେ ଦୁଇଟି ନୂଆ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା
ପାଇଁ ସୁପାରିଶ କରିଥିଲା । ଏହି ପରିଷଦର ସୁପାରିଶକ୍ରମେ
ପୁନେ ଏବଂ କଲିକତାଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ
ସ୍ଥାପନ କାମ ଆରମ୍ଭ ହୋଇଛି । ଯେହେତୁ
ଭୁବନେଶ୍ୱରଠାରେ ବିଜ୍ଞାନ ପ୍ରତିଷ୍ଠାନ ବସିବା କଥା କୌଣସି
ସମୟରେ କେନ୍ଦ୍ର ସରକାର ନେଇ ନାହାନ୍ତି ସେ ଦୃଷ୍ଟିରୁ
ଭୁବନେଶ୍ୱର କେନ୍ଦ୍ର କୋଲକାତାକୁ ଉଠିଗଲା ବୋଲି
କୁହାଯାଇପାରିବ ନାହିଁ ।' ଏଠାରେ ଉଲ୍ଲେଖଯୋଗ୍ୟ ଯେ ଶ୍ରୀ
ମୁଖାର୍ଜୀଙ୍କର ଏହି ବକ୍ତବ୍ୟକୁ ତୀବ୍ର ବିରୋଧ କରି ଓଡ଼ିଶାର
ସାଂସଦମାନେ ହଟ୍ଟଗୋଳ କରିଥିଲେ ଏବଂ ସେଥିପାଇଁ
ଲୋକସଭା ମୁଲତବୀ ରହିଥିଲା । ରାଜ୍ୟସଭାରେ ମଧ୍ୟ
ଓଡ଼ିଶାର ସାଂସଦମାନେ କକ୍ଷତ୍ୟାଗ କରିଥିଲେ । ବର୍ତ୍ତମାନ
ପ୍ରଶ୍ନ ଉଠୁଛି ଏନଡିଏ ସରକାର ଓଡ଼ିଶା ପ୍ରତି ଯେମିତି
ଉପର ଠାଉରିଆ ଶ୍ରଦ୍ଧା ଦେଖାଇଥିଲା, 'ଉପା' ସରକାର
ସେମିତି ଉପର ଠାଉରିଆ ସହାନୁଭୂତି ଦେଖଉଛି । ପ୍ରକୃ
ତରେ ଓଡ଼ିଶା ପ୍ରତି କାହାର ଆନ୍ତରିକ ଶ୍ରଦ୍ଧା ନାହିଁ ବୋଲି
ଏହି ଉତ୍ତରରୁ ଜଣାପଡୁଛି । ମନମୋହନ ସିଂହ ସରକାର
୨୦୦୪ ମେ' ମାସରେ କ୍ଷମତାକୁ ଆସିଲେ । ୨୦୦୪
ଫେବ୍ରୁଆରି ଶେଷରେ ଲୋକସଭା ନିର୍ବାଚନ ହେବ ବୋଲି
ଘୋଷିତ ହେଲା । ଅର୍ଥାତ୍ ଶ୍ରୀ ବାଜପେୟୀ ସେ ପର୍ଯ୍ୟନ୍ତ
ପ୍ରଧାନମନ୍ତ୍ରୀ ଥିଲେ ଏବଂ ଡ. ମୁରଲୀ ମନୋହର ଯୋଶୀ
ମାନବ ସମ୍ବଳ ମନ୍ତ୍ରୀ ଥିଲେ । ଯଦି ଓଡ଼ିଶାରେ ଏହି ପ୍ର
ତିଷ୍ଠାନ ବସେଇବାର ଥିଲା ତାହାହେଲେ ସରକାର ସେ
ନେଇ ଏକ ନିଷ୍ପତ୍ତି ନେଲେ ନାହିଁ କାହିଁକି? ମାନବ ସମ୍ବଳ
ବିକାଶ ମନ୍ତ୍ରାଳୟ ଓ ଆଇନ ବିଭାଗ ମିଶି ୟୁଜିସିର ଏଭଳି
ଅଧିକାର ଅଛି କି ନାହିଁ ସେ ସମ୍ପର୍କରେ ଗବେଷଣା
କରୁଥିବା ବେଳେ ଡ. ଯୋଶୀ ହସ୍ତକ୍ଷେପ କରି ନ ଥିଲେ
କାହିଁକି? ବର୍ତ୍ତମାନ ଡ. ମନମୋହନ ସିଂହଙ୍କ 'ଉପା'
ସରକାରର ଓଡ଼ିଶା ପ୍ରୀତି ପ୍ରସଂଗକୁ ଆସିବା । ପ୍ରଣବ
ମୁଖାର୍ଜୀଙ୍କ ଉତ୍ତର ଅନୁସାରେ ୪ ମାର୍ଚ୍ଚ ୨୦୦୫ ତାରିଖରେ
ପ୍ରଧାନମନ୍ତ୍ରୀଙ୍କ ବିଜ୍ଞାନ ପରାମର୍ଶଦାତା କମିଟିର ବୈଠକ
ବସିଲା । ସେହିଠାରେ ସୁପାରିଶ ହେଲା ଯେ କଲିକତା

ଏବଂ ପୁନେରେ ଦୁଇଟି ପ୍ରତିଷ୍ଠାନ ବସିବ। ପୁନେ ଆଗରୁ
ତାଲିକାରେ ଥିଲା, ଏବେ ରହିଲା। ମାତ୍ର ଭୁବନେଶ୍ୱର
ଆଗରୁ ତାଲିକାରେ ଥାଇ କଟିଗଲା କାହିଁକି? କଲିକତା ଓ
ଭୁବନେଶ୍ୱର ମଧ୍ୟରୁ ଭୁବନେଶ୍ୱର ଯେ ଚିର ଅବହେଳି
ତ ଏକଥା କ'ଣ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା କମିଟି
ଜାଣନ୍ତି ନାହିଁ? କୋଲକାତା ସାଂସଦଙ୍କ ଲବି ଶକ୍ତିଶାଳୀ,
ତାଙ୍କର ବାଚସ୍ପତିଙ୍କଠାରୁ ବୈଦେଶିକ ବ୍ୟାପାର ବିଭାଗ
ପର୍ଯ୍ୟନ୍ତ ସବୁ ବଡ଼ ପଦବୀରେ ଲୋକ ଅଛନ୍ତି ଏବଂ
ସର୍ବୋପରି ଆସନ୍ତାବର୍ଷ ପଶ୍ଚିମ ବଙ୍ଗରେ ନିର୍ବାଚନ
ହେବାକୁ ଯାଉଥିବାରୁ କଲିକତା ପ୍ରତି ଅଧିକ ଆଦର ପ୍ରଦ
ର୍ଶନ ହୋଇଛି ବୋଲି ଓଡ଼ିଶା ସାଂସଦମାନେ ଯେଉଁ
ଅଭିଯୋଗ କରିଛନ୍ତି ତାହା ଏଇଥି ପାଇଁ ସମ୍ପୂର୍ଣ୍ଣ ବାସ୍ତବ ଓ
ଗ୍ରହଣଯୋଗ୍ୟ। ବିଡମ୍ବନା ହେଉଛି ଯେ ବାଜପେୟୀଙ୍କ
ଅମଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହଯୋଗୀ ଦ
ଳର ନେତା ଥାଇ ସୁଦ୍ଧା ୨୦୦୩ ଅପ୍ରେଲରୁ ୨୦୦୪
ଅପ୍ରେଲ ବର୍ଷେ କାଳ ଏ ବିଷୟରେ କିଛି ନିଷ୍ପତ୍ତି
ନିଆଯାଇପାରିଲା ନାହିଁ। ଅଥଚ ମନମୋହନ ସିଂହଙ୍କ
ଅମଳରେ ମାର୍ଚ୍ଚ ମାସରେ ଆଲୋଚନା ହୋଇ ନଭେମ୍ବରକୁ
କୋଲକାତାଠାରେ ଶିଳାନ୍ୟାସ ହେବା ପର୍ଯ୍ୟନ୍ତ କାମ
ଆଗେଇ ଆସିଲାଣି। ଦିଲ୍ଲୀରେ ସିରିଏଲ ବୋମା ବିସ୍ଫୋରଣ
ଅଘଟଣ ଘଟି ନ ଥିଲେ ଗତ ମାସରେ ଡ. ସିଂହ କଲିକ
ତାଠାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ଶିଳାନ୍ୟାସ
କରିଥାଆନ୍ତେ। ସବୁଠାରୁ ତାତ୍ପର୍ଯ୍ୟର କଥା ହେଉଛି, ୟୁଜିସି
ଏକ ଛୋଟିଆ ସଂସ୍ଥା ନୁହେଁ। ସମଗ୍ର ଭାରତ ବର୍ଷର
ବିଶ୍ୱବିଦ୍ୟାଳୟ ସମୂହକୁ ନିୟନ୍ତ୍ରଣ କରୁଥିବା ଏତେ ବଡ଼
ସଂସ୍ଥା କିଭଳି ତା ନିଜର କ୍ଷମତା ପରିସର ସମ୍ବନ୍ଧରେ ଜାଣି
ନ ଥିଲେ ସେ ପ୍ରଶ୍ନ ଓଡ଼ିଶାର ସାଂସଦମାନେ ପଚାରିବା ଦ
ରକାର। କାରଣ ତତ୍କାଳୀନ ମାନବ ସମ୍ବଳ ବିକାଶ ମନ୍ତ୍ରୀ
ଡ. ଯୋଶୀ ୟୁଜିସିର ବିଶେଷ ଉତ୍ସବ ଅବସରରେ ୨୦୦୩
ଡିସେମ୍ବରରେ ମୋଟ ୪ଟି ବିଜ୍ଞାନ ପ୍ରତିଷ୍ଠାନ କେନ୍ଦ୍ର ଭିତରେ
ଭୁବନେଶ୍ୱର କଥା ଘୋଷଣା କରିଥିଲେ।

ପୂର୍ବପୃଷ୍ଠା

Copyright © 2001 orissasambad.com

Site Developed by : www.wayindia.com